# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

Misc. (Vasundhara) Case No. 07/2025

ପତ୍ର ସଂଖ୍ୟା 2934/Vasundhara. ତା 18-07-2025

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ତାକରଡା ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ତାକରଡା ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ ତାକରଡା ଗ୍ରାମ ର ଜଣେ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନା ଦ୍ୱାରା ଭୂମି ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି । ପ୍ରକାଶ ଥାଉକି, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ସର୍ବସାଧାରଣ ଏବଂ କିସମ ବିଲ ଦୋଫସଲି ଅଟେ । ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି ତାକରଡା ଗ୍ରାମ ର ଜଣେ ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନା ଦ୍ୱାରା ଭୂମି ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ସର୍ବସାଧାରଣ ରୁ ଆବାଦ ଯୋଗ୍ୟ ଅନାବାଦି ଏବଂ କିସମ ବିଲ ଦୋଫସଲି ଏକ ରୁ ଘରବାରିକୁ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଅଛି ।

ଏଣୁ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ଏବଂ କିସମ ପରିବର୍ତ୍ତନ ହେବା ପ୍ରସ୍ତାବରେ ଯଦି କାହାର କୌଣସି ଅପତି ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଲିଖିତ ଆକାରରେ ଅଦାଲତ ଫି ଟ. ୨୦.୦୦ (କୋଡିଏ) ମୁଦ୍ରା ସହ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଜଣାଇବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତି ଅଭିଯୋଗ ଗ୍ରହଣ ନକରି ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ମିଆଦ ଗତେ କାହାର କୌଣସି ଆପତି ଅଭିଯୋଗ ଗ୍ରହଣ କରାଯିବ ନାହି ।

**ତଫସିଲ ଭୁକ୍ତ ଜମିର ବିବରଣୀ**

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପୁରା ରକବା (AC.) | ଆବଶ୍ୟକ ରକବା (AC.) | କିସମ |
|---|---|---|---|---|---|
| ତାକରଡା | 749 ସର୍ବସାଧାରଣ | 1420/3552 | 0.227 | 0.020 | ବିଲ ଦୋଫସଲି ଏକ |
| ମୋଟ | | | 0.227 | 0.020 | - |

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା 2935/2025 ତା 18-07-2025

ଏଥିର ଏକକିତା ନକଲ District Informatics Officer, Ganjam, Chatrapur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ବିହିତ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା 2936/2025 ତା 18-07-2025

ଏଥିର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜସ୍ୱ ନିରୀକ୍ଷକ, ଧବଳପୁରଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକ ପ୍ରଚାର ପାଇଁ ନାଜରଙ୍କ ନିକଟକୁ ପଠାଗଲା ଏବଂ ଆଇନାନୁଯାୟୀ ଜାରି କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ତାକରଡା ଗ୍ରା. ପ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ